# ଗାନ୍ଧିବାଦୀ ସ୍ୱର୍ଗତ ନୃସିଂହ ଗୁରୁ

ଧନଞ୍ଜୟ ବେହେରା

ଶାସନ ଥାନାନ୍ତର୍ଗତ ଗୁରୁପାଲି -ଏକ ପଲ୍ଲୀଗ୍ରାମର ଜଳବାୟୁରେ ଜନ୍ମଗ୍ରହଣ ଓ ଜୀବନଯାପନ କରିଥିଲେ ଗୁରୁବଂଶୀୟ ସ୍ୱର୍ଗୀୟ ନୃସିଂହ ଗୁରୁ ଓ ଦୁର୍ଗାପ୍ରସାଦ ଗୁରୁ । ଏମାନେ ଆବାଲ୍ୟରୁ ଯେତିକି ପାଠଶାଠ ପଢି ଥିଆନ୍ତୁ ନା କାହିଁକି ନିଜ ଜନସେବା କାର୍ଯ୍ୟକ୍ଷେତ୍ରରେ ଯେଉଁ ଶିକ୍ଷା ଓ ଅଭିଜ୍ଞତା ଅର୍ଜନ କରି ପାରିଥିଲେ ତାହା ତାଙ୍କ କର୍ମ କ୍ଷେତ୍ରରେ ଯଥେଷ୍ଟ ଉପାଦାନ ଯୋଗାଇ ପାରିଥିଲା । ଅଗ୍ରଜ ନୃସିଂହ ଗୁରୁ ଗାନ୍ଧିବାଦ ଆଦର୍ଶକୁ ଜୀବନର ଶେଷ ପର୍ଯ୍ୟନ୍ତ ନିଜ ଦେହରେ ପ୍ରତିଫଳିତ କରିବାକୁ ସକ୍ଷମ ହୋଇଥିଲେ । ଅନ୍ୟପକ୍ଷରେ ଦୁର୍ଗାପ୍ରସାଦ ଗୁରୁ ନିଜକୁ ଜଣେ ବିପ୍ଳବୀ ନେତା ଏବଂ ଶ୍ରମିକ ଆନ୍ଦୋଳନର ଅଗ୍ରଣୀ ଭାବରେ ପ୍ରମାଣିତ କରି ପାରିଥିଲେ ।

ଏହି ଗୁରୁ ଭାତୃଦ୍ୱୟ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ପରିଚାଳିତ ସ୍ୱଦେଶୀ ଆନ୍ଦୋଳନରେ ବିଶେଷ ଭାବରେ ନିଜକୁ ନିୟୋଜିତ କରିଥିଲେ । ୧୯୨୮ ରେ ମହାତ୍ମା ଗାନ୍ଧିଙ୍କ ସମ୍ବଲପୁର ଆଗମନ କାଳରେ ଯୁବକ ନୃସିଂହ ଗୁରୁ ସ୍ୱର୍ଗୀୟ ଚନ୍ଦ୍ରଶେଖର ବେହେରାଙ୍କ ନେତୃତ୍ୱରେ ଏକ ସାଧାରଣ କର୍ମୀ ଭାବରେ କାର୍ଯ୍ୟ କରି ଗାନ୍ଧିଙ୍କ ସମେତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ପୁଣି ୧୯୩୪ ସାଲରେ ଗାନ୍ଧୀଜୀଙ୍କ ପୁର୍ନବାର ସମ୍ବଲପୁର ଆଗମନ କାଳରେ ଝାରସୁଗୁଡାଠାରେ ତାଙ୍କ ରହଣି ବ୍ୟବସ୍ଥା କରାଯାଇଥାଏ । ନୃସିଂହ ଗୁରୁ ସେତେବେଳେ ସମ୍ବଲପୁରର ବିଶିଷ୍ଟ କଂଗ୍ରେସ କର୍ମୀ ଏବଂ କଂଗ୍ରେସର ଯାବତୀୟ କାର୍ଯ୍ୟ ତାଙ୍କ ନେତୃତ୍ୱରେ ପରିଚାଳିତ ହେଉଥାଏ । ଆମେ ସେତେବେଳେ ଝାରସୁଗୁଡା ମାଇନର ସ୍କୁଲର ପଞ୍ଚମ ଶ୍ରେଣୀର ଛାତ୍ର । ସ୍କୁଲ ହଷ୍ଟେଲରେ ଆମେ ରହୁଥାଉଁ । ରାତ୍ରି ମେଲ ଗାଡିରେ ଗାନ୍ଧିଜୀ ଆସି ଝାରସୁଗୁଡା ଥାନା ବାବୁଙ୍କ କ୍ୱାଟର ସାମନା ଶିବାଜୀ ଭାଇଙ୍କ ଏକ ଛୋଟିଆ ଘରେ ତାଙ୍କ ରହଣି ବ୍ୟବସ୍ଥା ହୋଇଥାଏ । ଗାନ୍ଧିଜୀ ଅନ୍ୟାନ୍ୟ ଭିତରେ ହରିଜନ ଆନ୍ଦୋଳନ ଉପରେ ବିଶେଷ ଜୋର ଦେଉଥାନ୍ତି । ସ୍କୁଲ ହଷ୍ଟେଲ ଗେଟରେ ତାଲା ପଡିଲା ଏବଂ ଜଗୁଆଳି ରହିଲେ ଯେପରି କେହି ଛାତ୍ର ଗାନ୍ଧୀ ସଭାକୁ ଯାଇ ପାରିବେ ନାହିଁ । ତା ସତ୍ତ୍ୱେ କାଠ ଝରକା ବାଟେ ଆମେ ଅନେକ ପିଲା ଗାନ୍ଧୀଙ୍କୁ ଦେଖିବାକୁ ଗଲୁ । ଦେଖିଲୁଁ ନୃସିଂହ ଗୁରୁ,ଭାନୁଶଙ୍କର ଯୋଶୀ,ଅଜା ମୋହନ ସିଂହ, ବିହାରିରାମ ତାଣ୍ଡି(କେହି ନାହାଁନ୍ତି) ଆଦି କଂଗ୍ରେସ ଲୋକଙ୍କ ଗହଣରେ ଗାନ୍ଧିଜୀଙ୍କ ପ୍ରାତଃକାଳିନ ଖୋରାକ ଛେଳି ଦୁଧ ସଂଗ୍ରହରେ ଲାଗିଛନ୍ତି । ଅଣା ହୋଇଥିବା କେତେକ ଛେଳି ଏଆଡେ ସେଆଡେ ପଳାଇବାକୁ ଉଦ୍ୟତ । ଲୋକ ଗହଳିରେ ତାଙ୍କୁ ଅଡୁଆ ଲାଗୁଥାଏ କିନ୍ତୁ ଗାନ୍ଧିଜୀଙ୍କ ସାମନାରେ ଛେଳି ଦୁଧ ଦୁହାଁ ହେବ । ଗୁରୁଜୀ ଆମ କେତକ ପିଲାଙ୍କୁ କହିଲେ ଛେଳିଙ୍କୁ ଧରି ଦେବାକୁ, ଯାହା ଆମେ ଅନାୟସରେ କରି ଦେଇଥିଲୁ । ପ୍ରାତଃକାଳିନ ଦୈନନ୍ଦିନୀ ପରେ ଗାନ୍ଧିଜୀ, ବର୍ତ୍ତମାନ ଥିବା ସରକାରୀ ମହିଳା ହାଇସ୍କୁଲ ସାମନା ସେତେବେଳର ବିରାଟ ପଡିଆରେ ରେଲୱେର ପୁରୁଣା ସ୍ଲିପର କାଠ ସାହାଯ୍ୟରେ ଏକ ପେଣ୍ଡାଲ ତିଆରି ହୋଇ ତା ଉପରକୁ ଗାନ୍ଧିଜୀଙ୍କୁ ହାତ ଧରି ଅଣା ହେଲା । ପେଣ୍ଡାଲ ଉପରେ ଉପବିଷ୍ଟ ହୋଇ ଗାନ୍ଧିଜୀ ଜନସାଧାରଣଙ୍କ ଉଦ୍ଦେଶରେ କିଛି କହିଲା ପରେ ତାଙ୍କ ଆଜାନୁଲମ୍ବିତ ହାତଦ୍ୱୟକୁ ତଳକୁ ପ୍ରସାରିତ କରିଦେଲେ । ଏତିକି ବେଳେ ଗୁରୁଜୀ ଜନସାଧାରଣଙ୍କୁ ଓଡିଆରେ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟ ବୁଝାଇ ଦେଲେ । ସଙ୍ଗେ ସଙ୍ଗେ ଜନସାଧାରଣ ନିଜ ସାମର୍ଥ୍ୟ ଅନୁଯାୟୀ ଗାନ୍ଧିଜୀଙ୍କ ହାତକୁ ହରିଜନ ସାହାଯ୍ୟ ପାଣ୍ଠି ପାଇଁ ପଇସା ବଢାଇ ଦେଲେ । ମୁଁ ଜଣେ ଛୋଟ ପିଲା ଥାଏଁ ଏବଂ ମୋ ଠାରେ ତତ୍କାଳୀନ ଥିବା ଗୋଟିଏ ତମ୍ବା ପଇସା ମୁଁ ଆଉ ଗାନ୍ଧିଜୀଙ୍କ ହାତକୁ ବଢାଇ ଦେବା ସୁଯୋଗ ପାଉ ନ ଥାଏଁ । ପଛପଟୁ ହଠାତ୍ ଦେଖିଲି ଗୁରୁଜୀ ମୋତେ ଟେକି ଦେଉଛନ୍ତି ଏବଂ ମୁଁ ପଇସାଟିକୁ ଗାନ୍ଧିଜୀଙ୍କ ହାତକୁ ବଢାଇ ଦେଉଛି ଏହା ମୋ ଜୀବନର ଏକ ଦୃଷ୍ଟାନ୍ତ ରୂପେ ମୁଁ ମନେ ରଖିଛି ।

ଏପରି ଭାବରେ ଝାରସୁଗୁଡା-ଲଇକେରା ଅଞ୍ଚଳରେ ଗୁରୁଜୀଙ୍କ ପ୍ରତିଷ୍ଠା ଗଢି ଉଠିଲା । ପରେ ବ୍ରିଟିଶ ସରକାର କଂଗ୍ରେସର ଲୋକପ୍ରିୟତା ପରୀକ୍ଷା କରିବା ଉଦ୍ଦେଶ୍ୟରେ ଏକ ନିୟନ୍ତ୍ରିତ ନିର୍ବାଚନର ଯୋଜନା କଲେ ଏବଂ ଗୌନ୍ତିଆ ଜମିଦାର ଓ ଅନ୍ୟାନ୍ୟ ସୁବିଧାବାଦୀଙ୍କୁ ସଂଗଠିତ କରି କଂଗ୍ରେସର ମୁକାବିଲା ପାଇଁ ମସୁଧା କଲେ । ମୋର ମନେ ଅଛି ସେତେବେଳେ କୋଲାବିରା ଜମିଦାରଙ୍କ ଲଇକେରା ଇଲାକାରେ ଜିଲ୍ଲାବୋର୍ଡ ପ୍ରାର୍ଥୀ ପାଇଁ କଂଗ୍ରେସ ଆଉ ଲୋକ ପାଇଲା ନାହିଁ ଏବଂ ସେଠାରେ ଜଣେ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କୁ କଂଗ୍ରେସ ବିରୁଦ୍ଧରେ ଠିଆ କରାଯାଇଥାଏ । ନୃସିଂହ ଗୁରୁଙ୍କୁ କଂଗ୍ରେସ ପ୍ରାର୍ଥୀରୂପେ ମନୋନୀତ କରାଗଲା । ଏଣୁ ଏହି ଲଇକେରା ଏକ ମର୍ଯ୍ୟାଦାପୂର୍ଣ୍ଣ ଲଢେଇରେ ପରିଣତ ହେଲା । ଗୁରୁଜୀଙ୍କ ପ୍ରଚାର ଦାୟିତ୍ୱରେ ସର୍ବସ୍ୱର୍ଗୀୟ ଅଜା ମୋହନ ସିଂହ, ବିହାରିରାମ ତାଣ୍ଡି ଓ ସ୍ଥାନୀୟ କଂଗ୍ରେସ କର୍ମୀଙ୍କୁ ଦିଆଗଲା ଏବଂ ନିଜେ ଗୁରୁଜୀ ତାଙ୍କ ଚିରାଚରିତ ଆଣ୍ଠୁ ପର୍ଯ୍ୟନ୍ତ ବସ୍ତ୍ର ପରିଧାନ ଓ ପଦ୍ମଛତା ଦ୍ୱାରା ଲୋକଙ୍କୁ ଆକୃଷ୍ଟ କରି ପାରିଥିଲେ ଶେଷରେ ତାଙ୍କ ଐତିହାସିକ ବିଜୟ ହୋଇଥିଲା ।

ଏହାପରେ ୧୯୪୨ ଭାରତଛାଡ ଆନ୍ଦୋଳନରେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ କାରାବରଣ ପରେ କଂଗ୍ରେସ ୧୯୪୫ ମସିହା ଦଶହରା ବେଳକୁ ବହୁ ଉତ୍ସାହ ଉଦ୍ଦୀପନା ଭିତରେ କାର୍ଯ୍ୟାରମ୍ଭ କଲା । ଭାରତକୁ ସ୍ୱାଧୀନତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ହିନ୍ଦୁ-ମୁସଲମାନ ଦଙ୍ଗା ଗଣ୍ଡଗୋଳରେ ଦେଶ ଉତ୍କ୍ଷିପ୍ତ ଥିବାବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଶାନ୍ତି ଓ ସଦ୍ଭାବ ପ୍ରତିଷ୍ଠା ପାଇଁ ଗୁରୁଜୀ କାର୍ଯ୍ୟକରି ଚାଲିଥାନ୍ତି । ପରବର୍ତ୍ତୀ କାଳରେ ଭାଇ ଦୁର୍ଗା ଗୁରୁଙ୍କ ଅଭାବରେ "ସମାଜ"ର ସାମ୍ବାଦିକତା ଆଦି ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେଉଥାନ୍ତି । ସ୍ୱାଧୀନତା ପରେ ଆମ୍ଭ ଗାଁ ଲପଙ୍ଗାକୁ ତତ୍କାଳୀନ ଓଡିଶା ରାଜ୍ୟପାଳ କୈଳାସନାଥ କାଟଜୁ ଆସିବାକୁ ପ୍ରୋଗ୍ରାମ ହେଲା । ମୁଁ ଲପଙ୍ଗା ପ୍ରାଥମିକ କଂଗ୍ରେସ କମିଟିର ସଭାପତି ଥାଏଁ । ରାଜ୍ୟପାଳଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଦିଆଯିବା ଅବସରରେ ଗାନ୍ଧିଜୀଙ୍କ ଅଠରଦଫା କାର୍ଯ୍ୟକ୍ରମ ଅନ୍ତର୍ଗତ ଚରଖା କାର୍ଯ୍ୟ ଆମ ଗାଁରେ ଆରମ୍ଭ କରାଯାଇଥାଏ । ରାଜ୍ୟପାଳଙ୍କୁ ଏହି ସବୁ ବିଶେଷଭାବରେ ଆକର୍ଷିତ କରିଥିଲା ଏବଂ ଗୁରୁଜୀ ସେ ସବୁର ସମ୍ୟକ ଧାରଣା ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆମ୍ଭଙ୍କୁ ବିଶେଷ ସାହାଯ୍ୟ କରିଥିଲେ ।

ଏହାପରେ ତାଙ୍କ ଅନ୍ତିମ ସମୟ ପର୍ଯ୍ୟନ୍ତ ମୁଁ ଗୁରୁଜୀଙ୍କ ସହ ସମ୍ବନ୍ଧ ରଖି ପାରିଥିଲି । ଶେଷରେ ସେ ସମ୍ବଲପୁର ମୁଦିପଡା ଲେବର କଲୋନୀରେ ଗୋଟିଏ ଘର ନେଇ ରହିଲେ ଏବଂ ତାଙ୍କ ପରିଣତ ବୟସରେ ନିଜ ସାମର୍ଥ୍ୟ ମତେ କଂଗ୍ରେସ ଅନୁଷ୍ଠାନକୁ ସାହାଯ୍ୟ କରିବାକୁ ଲାଗିଲେ । ତାଙ୍କ ବଡ଼ ପରିବାର ଓ ଅନ୍ୟାନ୍ୟ ଆନୁସଙ୍ଗିକ କାରଣରୁ ଶେଷ ଜୀବନରେ ନିଜ ଗୁରୁପାଲି ଗ୍ରାମରେ ରହିବାକୁ ଶ୍ରେୟସ୍କର ମଣିଲେ ଯଦ୍ଵାରା ନିଜ ଚାଷବାସ ଦେଖିବା ସୁବିଧା ପାଇଲେ ।

ପ୍ରତ୍ୟହ ସକାଳ ଟ୍ରେନରେ ଶାସନ ଷ୍ଟେସନରୁ ଏବଂ ପରେ ସମ୍ବଲପୁର ଝାରସୁଗୁଡା ରୋଡରେ ବସ୍ ଚଳାଚଳ କଲାପରେ ବସ୍‌ରେ ଶାସନ ଥାନା ପାଖରେ ଚଢି ଓ ଓହ୍ଲାଇ ଗାଁକୁ ଯିବା ଆସିବା କରିବାକୁ ଲାଗିଲେ । ମୁଁ ଯେତେଥର ସମ୍ବଲପୁରକୁ ଟ୍ରେନ ବା ବସରେ ଯା ଆସ କରିଛି ଅଧିକାଂଶ ସମୟ ତାଙ୍କ ସହ ଦେଖାହୁଏ ଏବଂ ଦୁଃଖ,ସୁଖ କଥାବର୍ତ୍ତା ହୁଏ । ତାଙ୍କ ଖଦଡ ଝୁଲି ମୁଣାରୁ "ସମାଜ" ଖଣ୍ଡେ ମୋ ହାତକୁ ବଢାଇ ଦେଇ ମୋ ପ୍ରତି ତାଙ୍କ ସ୍ନେହର ପରିଚୟ ଦିଅନ୍ତି । ମୁଁ ତାହା ପଢିସାରି ଟ୍ରେନରୁ ବା ବସ୍‌ରୁ ଓହ୍ଲାଇବା ପୂର୍ବରୁ ତାଙ୍କୁ ଫେରସ୍ତ ଦେଇଦିଏ ଏବଂ ସେଥିରେ ସେ ଆନନ୍ଦିତ ହୁଅନ୍ତି । ତାଙ୍କ ସହିତ ଦେଖା ସାକ୍ଷାତ ବେଳେ ଜୀବନର ବହୁ ବିଷୟ ଆଲୋଚନା ହୁଏ ଯାହା ନିଶ୍ଚିତ ଭାବରେ ଶିକ୍ଷଣୀୟ ବିଷୟ । ଆର୍ଥିକ ଅସ୍ୱଚ୍ଛଳତା ତାଙ୍କର ଜୀବନର ଭୂଷଣ ଥିଲା, ଶେଷ ପର୍ଯ୍ୟନ୍ତ ସୁଧାରିବାକୁ ସେ ଅକ୍ଷମ ଥିଲେ । ତାଙ୍କ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଥରେ ସକାଳ କଚେରୀ ସମୟରେ ମୁଁ ତାଙ୍କୁ କମିଶ୍ନର ଅଫିସ ପଟୁ ବାହାରୁଥିବା ଦେଖି ରାସ୍ତା ଉପରେ ଭେଟିବା ପାଇଁ ଟିକିଏ ରହିଗଲି ଏବଂ ପାଖକୁ ଯାଇ ପ୍ରଣାମ କଲି । ତାଙ୍କ ହାତରେ ଖଣ୍ଡେ ଟାଇପ ଦରଖାସ୍ତର କପି ଦେଖିଲି । ମୁଁ କିଛି ପଚାରିବା ପୂର୍ବରୁ ସେ ନିଜେ କହିଲେ ମୁଦିପଡାରେ ମୋତେ ନଜୁଲ ପ୍ଲଟ ଖଣ୍ଡେ ମିଳିଥିଲା କିନ୍ତୁ ତାହାକୁ ଅନ୍ୟଲୋକ କବଳିତ କରି ନେଇଥିବା ଯୋଗୁ ଯଦିଓ ମୁଁ ନୀରବ ରହିଥିଲି ତଥାପି କେତେକ ବନ୍ଧୁଙ୍କ ପରାମର୍ଶରେ ଆଉ ଗୋଟିଏ ଦରଖାସ୍ତ କମିଶ୍ନର ସାହେବଙ୍କୁ ଦେବାକୁ ଯାଇଥିଲି । କମିଶ୍ନର ସାହେବ ଅତି ସହାନୁଭୂତି ପ୍ରଦର୍ଶନ କରି ଦରଖାସ୍ତଟି ରଖିଛନ୍ତି- "ଦେଖାଯାଉ" ବୋଲି କହିଲା ବେଳେ ତାଙ୍କ ମୁଖ ମଣ୍ଡଳରେ ଏକ ଆଶାର ସଞ୍ଚାର ହେଲା ଭଳି ଦେଖାଗଲା । ଏହା ପରେ ମୁଁ ତାଙ୍କୁ ଆଉ ଦେଖିନାହିଁ ଏବଂ ଦିନେ ଶୁଣିଲି ସେ ଇହଧାମ ତ୍ୟାଗ କରିଛନ୍ତି ।

ସ୍ୱାଧୀନତା ସଂଗ୍ରାମୀ

ଲପଙ୍ଗା